# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 8 June – 2025
***********************************

## ମୁଖ୍ୟ ସମ୍ବାଦ

- ମହିଳାଙ୍କ ନେତୃତ୍ୱ ଦେଶର ବିକାଶକୁ ଅଧିକ କ୍ରିୟାଶୀଳ କରୁଛି; କହିଲେ ପ୍ରଧାନମନ୍ତ୍ରୀ
- ଆକାଶବାଣୀ ଆଜି ତାର ୯୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି
- ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟଡିୟମ୍‌ରେ ସି.ଏମ୍. ଟ୍ରଫି-୨୦୨୫ ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଏଫ୍.ସି. ବିଜୟୀ

ଏବଂ

- 'ଯିଏ ଆମକୁ ସ୍ଥାୟିତ୍ୱ ଦେଉଛି, ତା'ର ସ୍ଥାୟୀ ସୁରକ୍ଷା କରିବା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମହାସାଗର ଦିବସ

# ପିଏମ୍-ନାରୀ ଶକ୍ତି

ବିକଶିତ ଭାରତର ଯାତ୍ରାରେ ମହିଳାମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ମହିଳାମାନଙ୍କ ନେତୃତ୍ୱରେ ବିକାଶ କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଇଛନ୍ତି । କେନ୍ଦ୍ରରେ ଏନ୍.ଡି.ଏ. ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ବିଜ୍ଞାନ, ଶିକ୍ଷା, କ୍ରୀଡ଼ା, ଷ୍ଟାର୍ଟଅପ୍ ଏବଂ ସଶସ୍ତ୍ର ବାହିନୀ ସମେତ ସମସ୍ତ କ୍ଷେତ୍ରରେ ମହିଳାମାନେ ଉତ୍କର୍ଷ ପ୍ରଦର୍ଶନ କରୁଛନ୍ତି ଏବଂ ଲୋକମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏନ୍.ଡି.ଏ. ସରକାର ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ ମହିଳାମାନଙ୍କ ନେତୃତ୍ୱରେ ବିକାଶକୁ ଆଗକୁ ନିଆଯାଇପାରିଛି। ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ୧୧ କୋଟିରୁ ଊର୍ଦ୍ଧ୍ୱ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଛି। ଯାହା ମହିଳାମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମ୍ମାନକୁ ବୃଦ୍ଧି କରିଛି। ଜନଧନ ଆକାଉଣ୍ଟ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ତୃଣମୂଳ ସ୍ତରରେ ସଶକ୍ତି କରଣ ହୋଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୨୦୨୪ ମସିହା ସୁଦ୍ଧା ୩୨କୋଟି ପରିବାରକୁ ଏଲ୍.ପି.ଜି. ସଂଯୋଗୀକରଣ

ଦ୍ୱିଗୁଣିତ କରାଯାଇଛି। ମହିଳାମାନଙ୍କୁ ସ୍ୱଚ୍ଛ ଓ ଧୂଆଁମୁକ୍ତ ରୋଷେଇ ଘର ସୁନିଶ୍ଚିତ କରାଯାଇପାରିଛି। ମୁଦ୍ରା ଯୋଜନା ଅଧୀନରେ ଲକ୍ଷ ଲକ୍ଷ ମହିଳାଙ୍କୁ ଉଦ୍ୟୋଗୀ ହେବାରେ ସହାୟତା ପ୍ରଦାନ କରିବା ଏବଂ ସେମାନଙ୍କର ସ୍ୱପ୍ନକୁ ସାକାର କରିବା ଉପରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ମହିଳାଙ୍କୁ ଘର ଯୋଗାଇବା ସହ ସେମାନଙ୍କର ସୁରକ୍ଷା ଓ ସଶକ୍ତିକରଣ ଉପରେ ଉଲ୍ଲେଖନୀୟ ପ୍ରଭାବ ପଡ଼ିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନକୁ ପ୍ରଧାନମନ୍ତ୍ରୀ ସ୍ମରଣ କରି କହିଛନ୍ତି, କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ଏହା ଏକ ଜାତୀୟ ଆନ୍ଦୋଳନ ।

***CTC***

## ଉପମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାର ଗତ ଏକ ବର୍ଷ ମଧ୍ୟରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ବିଭାଗର କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ସହ ଆସନ୍ତା ୧୩ ତାରିଖ ଶୁକ୍ରବାର ଦିନ କଟକ ତଳବାଲିଯାତ୍ରା ପଡ଼ିଆରେ ହେବାକୁ ଥିବା ନାରୀଶକ୍ତି ମେଳା ସଭାସ୍ଥଳୀକୁ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ

ମହିଳା ସଶକ୍ତୀକରଣ କ୍ଷେତ୍ରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି...

**- V/O –**

***Desk***

## ଆକାଶବାଣୀ ପ୍ରତିଷ୍ଠା ଦିବସ

ଆକାଶବାଣୀ ଆଜି ତାର ୯୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୧୯୩୬ ମସିହାରେ ଆଜିର ଦିନରେ ଭାରତୀୟ ପ୍ରସାରଣ ସେବାର ନାମ ପରିବର୍ତ୍ତନ କରାଯାଇ ଅଲ୍ ଇଣ୍ଡିଆ ରେଡିଓ ନାମରେ ନାମିତ କରାଯାଇଥିଲା। ଭାରତ ସ୍ୱାଧୀନ ହେବା ପରେ ୧୯୫୬ ମସିହାରେ ଅଲ୍ ଇଣ୍ଡିଆ ରେଡିଓର ଅନ୍ୟନାମ ଆକାଶବାଣୀ ନାମରେ ସ୍ୱୀକୃତି ମିଳିଥିଲା। ଆକାଶବାଣୀର ୫୯୧ଟି ଷ୍ଟେସନ୍ ଜରିଆରେ ଦେଶର ୯୮ ପ୍ରତିଶତ ସ୍ଥାନରେ ପହଁଞ୍ଚିପାରୁଛି। 'ବହୁ ଜନ ହିତାୟ, ବହୁଜନ ସୁଖାୟ'ର ବାର୍ତ୍ତା ନେଇ ଆକାଶବାଣୀ ୨୩ଟି ଭାଷା ଏବଂ ୧୪୬ଟି ଉପଭାଷାରେ କାର୍ଯ୍ୟକ୍ରମ ପ୍ରସାରଣ ଜାରି ରଖିଛି। ଆକାଶବାଣୀ ସମ୍ବାଦ ବିଭାଗ ସମ୍ବାଦ ପ୍ରସାରଣ ସହିତ ସମ୍ବାଦ ଭିତ୍ତିକ ନିରପେକ୍ଷ ସମ୍ବାଦ ପରିବେଷଣ କରାଯାଇ ଦେଶ ବିଦେଶରେ ଲୋକମାନଙ୍କର ଆସ୍ଥାଭାଜନ ହୋଇପାରିଛି।

*Desk*

## ଶ୍ରୀମନ୍ଦିର-ସ୍ନାନପୂର୍ଣ୍ଣିମା

ପୁରୀ ଶ୍ରୀମନ୍ଦିରରେ ସ୍ନାନପୂର୍ଣ୍ଣିମାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ଚଳିତ ବର୍ଷ କୃତ୍ରିମ ବୁଦ୍ଧିମତା– ଏ.ଆଇ. ଦ୍ୱାରା ଭିଡ଼ ନିୟନ୍ତ୍ରଣ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ କହିଛନ୍ତି। ସ୍ନାନ ପୂର୍ଣ୍ଣିମା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ୭୦ ପ୍ଲାଟୁନ୍ ପୁଲିସ ଫୋର୍ସ ସମେତ ୪ ଆରକ୍ଷୀ ଅଧୀକ୍ଷକ, ୪୫୦ ପୁଲିସ ଅଧିକାରୀ ନିୟୋଜିତ ହେବେ। ଶ୍ରୀମନ୍ଦିର ଭିତରେ ୩୪ ପ୍ଲାଟୁନ୍ ଓ ବାହାରେ ୨୪ ପ୍ଲାଟୁନ୍ ପୁଲିସ ଫୋର୍ସ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ମୁତୟନ ହେବେ ବୋଲି ଶ୍ରୀ ଅଗ୍ରୱାଲ ସୂଚନା ଦେଇଛନ୍ତି।

*Desk*

## କରୋନା ଆକ୍ରାନ୍ତ

ରାଜ୍ୟରେ ଆଜି ୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଏହାକୁ ମିଶାଇ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ରାଜ୍ୟରେ ୪୫କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ୧୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୩ ରହିଥିବା ଜଣାପଡ଼ିଛି।

*Desk*

## ଓସିଆନ୍ ଦିବସ

ମହାସାଗରର ଗୁରୁତ୍ୱ ଏବଂ ଏହା ସହ ଯୋଡ଼ି ହୋଇଥିବା ବିଷୟ ଖାଦ୍ୟ ସୁରକ୍ଷା, ଜୈବ ବିବିଧତା, ପରିବେଶ ସନ୍ତୁଳନକୁ ନେଇ ଧ୍ୟାନ ଆକର୍ଷଣ କରିବା ଦିଗରେ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ମହାସାଗର ଦିବସ ରୂପେ ପାଳନ କରାଯାଉଛି। ମୁଖ୍ୟତଃ ପୃଥିବୀ ପୃଷ୍ଠରେ ୫ଟି ମହାସାଗର ରହିଛି। ପୃଥିବୀର ମୋଟ୍ ଆୟତନ ମଧ୍ୟରୁ ୭୦ ପ୍ରତିଶତ ମହାସାଗରରେ ପରିବେଷ୍ଟିତ। ଏସିଆ ଓ ଆମେରିକା ମଧ୍ୟରେ ଥିବା ପ୍ରଶାନ୍ତମହାସାଗର ପୃଥିବୀର ସବୁଠାରୁ ବୃହତ୍ତମ ଏବଂ ଗଭୀରତମ ମହାସାଗର। ପୃଥିବୀର ମୋଟ ମହାସାଗରୀୟ ଜଳ ମଧ୍ୟରୁ ପ୍ରଶାନ୍ତ ମହାସାଗରରେ ୭୦ ପ୍ରତିଶତରୁ ଅଧିକ ପାଣି ରହିଛି। ମନୁଷ୍ୟ ଏବଂ ଜୀବଜଗତ ନେଉଥିବା ଅମ୍ଳଜାନର ଅଧାରୁ ଅଧିକ ସମୁଦ୍ର ଉଦ୍ଭିଦରୁ ମିଳିଥାଏ। ଚଳିତ ବର୍ଷ ବିଶ୍ୱ ମହାସାଗର ଦିବସର ବାର୍ତ୍ତା ରହିଛି 'ଆଶ୍ଚର୍ଯ୍ୟ- ଯିଏ ଆମକୁ ସ୍ଥାୟିତ୍ୱ ଦେଉଛି, ତାହାର ସ୍ଥାୟୀ ସୁରକ୍ଷା କରିବା'। ପୃଥିବୀ ପୃଷ୍ଠରେ ଜୀବଜଗତକୁ ଅସ୍ତିତ୍ୱ ଦେବାରେ ମହାସାଗରର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ।

***BHK***

## କୃଷି ସଚେତନତା

ଭଦ୍ରକ ଜିଲ୍ଲା କୃଷି ବିଭାଗ ଓ ରାଣୀତାଲ କୃଷି ବିଜ୍ଞାନ ପକ୍ଷରୁ ବିଭିନ୍ନ ବ୍ଲକ ଓ ପଞ୍ଚାୟତରେ କୃଷି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚାଷୀମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା ଲକ୍ଷ୍ୟ ନେଇ ଏହି କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା।

ସମାବେଶରେ ବରିଷ୍ଠ କୃଷି ଅଧିକାରୀ, କୃଷି ବୈଜ୍ଞାନିକ ଏବଂ ଚାଷୀମାନେ ଯୋଗଦେଇ କୃଷି କ୍ଷେତ୍ରରୁ ଲାଭ ଉଠାଇବା, ଉନ୍ନତ ପ୍ରଣାଳୀରେ ଚାଷ କରି ଜୀବିକା ଉପାର୍ଜନ, ବନୀକରଣ, ଚାରାରୋପଣ ଉପରେ ଆଲୋଚନା କରିଥିଲେ ।

***CTC***

## ନନ୍ଦନକାନନ- ନୂଆ ଅତିଥି

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଧଳା ରଙ୍ଗର ବାଘୁଣୀ ମୌସୁମୀ ଦୁଇ ଶାବକ ଜନ୍ମ ଦେଇଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି । ଶାବକ ଦୁଇଟି ୨୮ ନମ୍ବର ବି. ଖୁଆଡ଼ ମଧ୍ୟରେ ଗତକାଲି ରାତିରେ ଜନ୍ମ ନେଇଥିବା ଉପନିର୍ଦ୍ଦେଶକ କହିଛନ୍ତି । ମା ଓ ଛୁଆ ଶାବକଙ୍କୁ ସମ୍ପୂର୍ଣ୍ଣ ନିରୀକ୍ଷଣ ମଧ୍ୟରେ ରଖାଯାଇଛି । ଏହାକୁ ମିଶାଇ ନନ୍ଦନକାନରେ ବାଘ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି ।

***DHNKL***

## ବନ୍ଧୁକ ଚାଳନା ତାଲିମ

ଢେଙ୍କାନାଳ ଜିଲ୍ଲାର ବନ କର୍ମଚାରୀଙ୍କୁ ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ବନ୍ଧୁକ ଚାଳନା ତାଲିମ ପ୍ରଦାନ କରାଯିବ । ଆସନ୍ତା ମାସରେ ପୋଲିସ ବିଭାଗର ସହାୟତାରେ ବନ ରକ୍ଷକ, ଫରେଷ୍ଟର ଓ ରେଞ୍ଜରମାନଙ୍କୁ ବନ୍ଧୁକ ସୁରକ୍ଷା, ବନ୍ଧୁକ ପରିଚାଳନା ଉପରେ ତାଲିମ ଦିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Gajapati*

## ଜମି ସର୍ବେକ୍ଷଣ କାର୍ଯ୍ୟ

ଗଜପତି ଜିଲ୍ଲାରେ ଚାଷୀଙ୍କ ଜମିପଟ୍ଟା ସଂକ୍ରାନ୍ତୀୟ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଜିଲ୍ଲାର କ୍ଷୁଦ୍ରଚାଷୀମାନଙ୍କ ଜମିପଟ୍ଟାର ସଂଶୋଧନ, ମୃତବ୍ୟକ୍ତିଙ୍କ ଉତ୍ତରାଧିକାରୀ, ମୃତ୍ୟୁ ପ୍ରମାଣପତ୍ର ଆଦି ସଂଲଗ୍ନ ଆବେଦନପତ୍ର ରାଜସ୍ୱ ବିଭାଗ ନିକଟରେ ଦାଖଲ କରାଯାଉଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜସ୍ୱ ନିରୀକ୍ଷକ, ଅମିନ ଓ ଅନ୍ୟ କର୍ମଚାରୀମାନେ ପ୍ରତି ଗ୍ରାମକୁ ଯାଇ ବୈଠକ ମାଧ୍ୟମରେ ଚାଷୀମାନଙ୍କ କାଗଜପତ୍ରର ସଂଶୋଧନ କରୁଛନ୍ତି ।

*Gajapati*

## ଖାଦ୍ୟ ପ୍ରତିଯୋଗିତା

ଗଜପତି ଜିଲ୍ଲା ମୋହନାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୯ ଗୋଟି ମହିଳା ଗୋଷ୍ଠୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିରେ କେଶରୀ ଗ୍ରୁପ୍ ପ୍ରଥମ ସ୍ଥାନ ଏବଂ ମୋହନ ଗ୍ରୁପ୍ ଦ୍ୱିତୀୟ ସ୍ଥାନରେ ରହି ବିଜୟୀ ହୋଇଥିଲେ ।

*BHK*

## ରାଜ୍ୟସ୍ତରୀୟ ଉତ୍ସବ

ଭଦ୍ରକ ଜିଲ୍ଲା ସହିଦ ସ୍ମୃତି ଭବନ ଟାଉନହଲ୍‌ଠାରେ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ

ସାହିତ୍ୟିକମାନେ ଯୋଗଦେଇ କାବ୍ୟ କବିତା, ଗଳ୍ପ ଓ ସାହିତ୍ୟ ମାଧ୍ୟମରେ ସମାଜ ପରିବର୍ତ୍ତନର ନୂତନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

***Desk***

## ସିଏମ୍ ଟ୍ରଫି

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ଅନ୍ତର୍ଗତ ୧୫ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଫୁଟବଲ ଚମ୍ପିଆନସିପ୍‌ର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଏଫ୍.ସି. ଓ ବରଗଡ଼ ଏଫ୍.ସି. ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସି.ଏମ୍. ଟ୍ରଫି-୨୦୨୫ର ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଏଫ୍.ସି. ବରଗଡ଼ ଏଫ୍.ସି.କୁ ୧୬-୦ ଗୋଲ୍‌ରେ ପରାସ୍ତ କରି ବିଜୟ ହାସଲ କରିଛି।

*********************************